# 2nd Foreign Office Consultations between India and Mozambique

July 04, 2022

## ଭାରତ ଓ ମୋଜାମ୍ବିକ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ ଅନୁଷ୍ଠିତ

ଜୁଲାଇ 04, 2022

ଭାରତ ଓ ମୋଜାମ୍ବିକ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଓସି) 4 ଜୁଲାଇ 2022 ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାରତ ପକ୍ଷରୁ ଯୁଗ୍ମ ସଚିବ ଶ୍ରୀ ପୁନୀତ ଆର କୁଣ୍ଡଲ (ପୂର୍ବ ଓ ଦକ୍ଷିଣ ଆଫ୍ରିକା) ନେତୃତ୍ୱ ନେଇଥିବା ବେଳେ ମୋଜାମ୍ବିକ ପକ୍ଷରୁ ନେତୃତ୍ୱ ନେଇଥିଲେ ମୋଜାମ୍ବିକର ବୈଦେଶିକ ବ୍ୟାପାର ଓ ସହଯୋଗ ମନ୍ତ୍ରଣାଳୟ ଅନ୍ତର୍ଗତ ଏସିଆ ଓ ଓସେନିଆ ବିଭାଗର ନିର୍ଦ୍ଦେଶକ ଶ୍ରୀ ଇସମାଇଲ ଭାଲିଗି।

2. ଏଫଓସି ସମୟରେ ଉଭୟ ଦେଶର ପ୍ରତିନିଧି ଦଳ ବହୁମୁଖୀ ଦ୍ୱିପାକ୍ଷିକ ସମ୍ପର୍କ ଅନ୍ତର୍ଗତ ରାଜନୈତିକ ଆଦାନ ପ୍ରଦାନ, ବିକାଶ ସହଭାଗୀତା ପ୍ରକଳ୍ପ, ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ, ବାଣିଜ୍ୟ ଓ ଅର୍ଥନୈତିକ ପ୍ରସଙ୍ଗ, କନସୁଲାର ପ୍ରସଙ୍ଗ ଏବଂ କୃଷି, କ୍ରୀଡା, ସ୍ୱାସ୍ଥ୍ୟ ଭଳି କ୍ଷେତ୍ରରେ ସହଯୋଗ ଉପରେ ସମୀକ୍ଷା କରିଥିଲେ। ଉଭୟ ପକ୍ଷ ଲୋକମାନଙ୍କ ମଧ୍ୟରେ ଆଦାନପ୍ରଦାନ ବୃଦ୍ଧି କରିବାକୁ ଏବଂ ସାଂସ୍କୃତିକ ସହଯୋଗ କରିବାକୁ ସହମତ ହୋଇଥିଲେ।

3. ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଅସ୍ଥାୟୀ ସଦସ୍ୟତା ପାଇଁ ମୋଜାମ୍ବିକକୁ ଏହାର 2023-24 କାର୍ଯ୍ୟକାଳ ପାଇଁ ଭାରତୀୟ ଦଳ ଅଭିନନ୍ଦନ ଜଣାଥିଲେ। ମିଳିତ ଜାତିସଂଘ, ଦକ୍ଷିଣ ଆଫ୍ରିକୀୟ ବିକାଶ ସହଯୋଗ (ଏସଏଡିସି) ଏବଂ ଆଫ୍ରିକୀୟ ମହାଦେଶ ମୁକ୍ତ ବାଣିଜ୍ୟ କ୍ଷେତ୍ର (ଏଏଫସିଏଫଟିଏ) ରେ ସହଯୋଗ ସମେତ ବୈଶ୍ୱିକ ପ୍ରସଙ୍ଗ ଓ ପାରସ୍ପରିକ ଆଗ୍ରହର ବିଷୟ ଉପରେ ସେମାନେ ମତ ବିନିମୟ କରିଥିଲେ।

4. ଭାଗିଦାରୀକୁ ସକ୍ରିୟ ଓ ପାରସ୍ପରିକ ଲାଭଦାୟକ ରଖିବା ପାଇଁ ଉଭୟ ପକ୍ଷ ଉଚ୍ଚସ୍ତରୀୟ ରାଜନୈତିକ ଆଦାନ ପ୍ରଦାନ ଏବଂ ମିଳିତ ଆନୁଷ୍ଠାନିକ ମେକାନିଜିମର ନିୟମିତ ବୈଠକ ଜାରି ରଖିବାକୁ ସହମତ ହୋଇଥିଲେ।

5. ଏକ ବନ୍ଧୁତ୍ୱପୂର୍ଣ୍ଣ ଓ ଆନ୍ତରିକ ପରିବେଶରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ପର୍ଯ୍ୟାୟ ବିଚାର ବିମର୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ ମାପୁଟୋଠାରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

ନୂଆଦିଲ୍ଲୀ

ଜୁଲାଇ 04, 2022

DISCLAIMER: This is an approximate translation. The original is available in English on MEA's website and may be referred to as the official press release.